

ନୂପୁର ଡ୍ୟାନ୍ସ ଏକାଡେମୀର କଳାକାରମାନେ ।

# ‘ଗୋପାଳପୁର ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର’



ବେଳାଭୂମି ମହୋତ୍ସବ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଏମ୍‌ପି, ବିଧାୟକ, ମେୟର, ଜିଲାପାଳ ଓ ଅନ୍ୟମାନେ ।

## ବେଳାଭୂମି ମହୋତ୍ସବ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ବ୍ରହ୍ମପୁର/ଗୋପାଳପୁର,୨୫।୧
(ତନୁଶ୍ରୀ ନାହାକ/ନବୀନ ରାଜ ଆଚାରୀ)

ଗୋପାଳପୁର ବେଳାଭୂମି ଅତି ସୁନ୍ଦର। ଏହାର ସୁନ୍ଦର ଶାନ୍ତ ବେଳାଭୂମି ପର୍ଯ୍ୟଟକଙ୍କ ବହୁତ ପସନ୍ଦ। ମୋର ବି ବହୁତ ପସନ୍ଦ। ଶିଳ୍ପ ନଗରୀ ଭାବେ ଗୋପାଳପୁରର ସୁନାମ ରହିଛି। ଗୋପାଳପୁର ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ଲୋକପ୍ରିୟ ହେବ ବୋଲି ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିସିରେ ବେଳାଭୂମି ମହୋତ୍ସବ ଉଦ୍‌ଘାଟନ କରିବା ଅବସରରେ କହିଛନ୍ତି।

ବହୁ ବାଦବିବାଦ ପରେ ଏକ ମାସ ବିଳମ୍ବରେ ବେଳାଭୂମି ମହୋତ୍ସବ ଆରମ୍ଭ ହୋଇଛି। ଏଥିରେ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଅଧ୍ୟକ୍ଷତା କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଓଡ଼ିଶାର ପୁରାତନ ଇତିହାସ ଓ ପରମ୍ପରାକୁ ମନେ ପକାଇବା ନିମନ୍ତେ ପ୍ରତିବର୍ଷ ଏହି ମହୋତ୍ସବ ଆୟୋଜିତ ହେଉଥିବା କହିଥିଲେ। ସେହିପରି ବେଳାଭୂମି ଅଞ୍ଚଳକୁ ପ୍ଲାଷ୍ଟିକ ମୁକ୍ତ କରିବା ନିମନ୍ତେ ଆହ୍ୱାନ ଦେବା ସହ ସ୍ୱଚ୍ଛ ଓ ସୁନ୍ଦର କରିବାକୁ ସେ ନିବେଦନ କିରଥିଲେ। ଅତିଥି ଭାବେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ରାଜ୍ୟ ଯୋଜନା ବୋର୍ଡ଼ ସଦସ୍ୟ ଡ଼ା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ଜିଲା ଯୋଜନା କମିଟିର ଅଧ୍ୟକ୍ଷ ତଥା ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭି.କିର୍ତ୍ତି ୱାସନ, ବ୍ରହ୍ମପୁର ଏସପି ଡ଼ା.ସର୍ବଣା ବିବେକ ଏମ, ଛତ୍ରପୁର ବିଧାୟକ ସୁବାଷ ବେହେରା, ଜିଲାପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ଉପସଭାପତି ରାଜେଶ୍ୱରୀ ଦୋରା, ବିଏମସି କମିଶନର ଜେ.ସୋନଲ, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳାଇ, ଡ଼େପୁଟି ମେୟର ଇ. ବିବେକ ରେଡ୍ଡୀ, ବ୍ରହ୍ମପୁର ଉପଜିଲାପାଳ ଆଶୁତୋଷ କୁଲକର୍ଣ୍ଣୀ ସି, ଡ଼ିଏଫଓ ସୋନି ଖୋଖର, ଗୋପାଳପୁର ଏନସି ଅଧ୍ୟକ୍ଷ ଏ.ଜାନକୀ ରାମ, ରଙ୍ଗେଇଲୁଣ୍ଡା ବ୍ଲକ ଅଧ୍ୟକ୍ଷ ସିଏଚ ଉଷା ରାଣୀ, ଉପାଧ୍ୟକ୍ଷା ଅନିତା ମହାକୁଡ଼, ଗୋପାଳପୁର ଉପାଧ୍ୟକ୍ଷ ବି.ଉମା ପ୍ରମୁଖ ଯୋଗ ଦେଇଥିଲେ। ମହୋତ୍ସବକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ସଭିଙ୍କ ମନୋରଞ୍ଜନ ନିମନ୍ତେ ପାସ ବ୍ୟବସ୍ଥା ବନ୍ଦ କରି ଦେଇଥିଲେ ସୁଦ୍ଧା ଚେୟାର ଫାଙ୍କା ପଡ଼ିଥିଲା। ପ୍ରଥମ ଦିନରେ ସନମ ପୁରୀଙ୍କ ଭଳି ଅନ୍ତର୍ଜାତୀୟ କଣ୍ଠ ଶିଳ୍ପୀ ଓ ବ୍ୟାଣ୍ଡ ଗ୍ରୁପଙ୍କ ସଙ୍ଗୀତ ପରିବେଷଣ କରିଥିଲେ ସୁଦ୍ଧା ସେତେଟା ଭିଡ଼ ଜମି ନ ଥିଲା। ପ୍ରଥମ ସନ୍ଧ୍ୟାରେ ଆଞ୍ଚଳିକ ଓ ରାଜ୍ୟ ବାହାରର ବହୁ କଳାକାର ନିଜ ଅଂଚଳର ଓ ଆଧୁନିକ ଲୋକ କଳା, ଲୋକନୃତ୍ୟ, ଆଧୁନିକ ନୃତ୍ୟ ଓ ସଂଗୀତ ପରିବେଷଣ କରିଥିଲେ। କୋଟପାଡ ଆଦିବାସୀ ନୃତ୍ୟ, ଗଞ୍ଜାମ ଜିଲାର ଦଣ୍ଡନାଚ, କୋଠିଷାଳ ଠାକୁରାଣୀ ନାଚ ସହ ଫ୍ୟାସନ ଫ୍ୟୁଜନ, କୁହୁଡ଼ିର ପାଇକ ନାଚ, ଓଡ଼ିଶୀ ନୃତ୍ୟ, ଲୋକ ସଙ୍ଗୀତ ପରିବେଷଣ ହୋଇଥିଲା। ମହୋତ୍ସବ ଆସନ୍ତା ୨୮ ତାରିଖରେ ଉଦଯାପିତ ହେବ।



କୋରାପୁଟ ଜିଲା କୋଟପାଡର କଳାକାରମାନେ ଆଦିବାସୀ ନୃତ୍ୟ ପରିବେଷଣ କରୁଛନ୍ତି ।

## ଗଞ୍ଜେଇ ଚାଲାଣ ମାମଲା: ୪ ଦୋଷୀଙ୍କୁ ୧୦ ବର୍ଷ ଜେଲ

ବ୍ରହ୍ମପୁର,୨୫।୧(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଅତିରିକ୍ତ ଜିଲା ଜଜ-୩ ରାଜ କୁମାର ଦାଶ ଏକ ଗଞ୍ଜେଇ ଚାଲାଣ ମାମଲାର ବିଚାର କରି ୪ ଦୋଷୀଙ୍କୁ ୧୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ପ୍ରତ୍ୟେକ ୧ଲକ୍ଷ ଟଙ୍କା ଲେଖାଏଁ ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ସେମାନେ ବର୍ଷେ ଅଧିକ କାରାଦଣ୍ଡ ଭୋଗିବେ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଦୋଷୀମାନେ ହେଲେ ନୂଆଦିଲ୍ଲୀ ତୋଗଲକବାଦର ମୌସିନ ଅଂସାରୀ, ଉତ୍ତରପ୍ରଦେଶ ମିରଟର ଜିତେନ୍ଦ୍ର କୁମାର, ଗଜପତି ଜିଲା ଅଡବା ଥାନା ଅନ୍ତର୍ଗତ ଅନ୍ତରବାର ସୋମନାଥ ରଇତ ଓ ବିଧାନ ସିଂ।

ଗଜପତିରୁ ଗଞ୍ଜେଇ ବ୍ରହ୍ମପୁର ଦେଇ ବାହାର ରାଜ୍ୟକୁ ଚାଲାଣ ହେଉଥିବା ଅବକାରୀ ଗୋଇନ୍ଦା ବିଭାଗକୁ ଖବର ମିଳିଥିଲା। ତତ୍କାଳୀନ ଥାନାଧିକାରୀ ହୃଦୟ ଚନ୍ଦ୍ର ସାମନ୍ତଙ୍କ ନେତୃତ୍ୱରେ ଏକ ଟିମ ୨୦୨୨ ସେପ୍ଟେମ୍ବର ୧୬ ତାରିଖରେ ଗୋପାଳପୁର ଜଙ୍କସନଠାରେ ଯାନବାହନ ଯାଞ୍ଚ କରୁଥିଲା। ଏହି ସମୟରେ ଉକ୍ତ ରାସ୍ତା ଦେଇ ଯାଉଥିବା କାର(ଡିଏଲ-୪ସି-ଏଏମ-୨୧୩୩)କୁ ଯାଞ୍ଚ କରିବାରୁ ସେଥିରେ ୪ଟି ବସ୍ତାରେ ଗଞ୍ଜେଇ ଭର୍ତ୍ତି ହୋଇଥିବା ଜଣାପଡିଥିଲା। ଉକ୍ତ କାର ସମେତ ସମସ୍ତ ୧୦୦ କେଜି ଗଞ୍ଜେଇ ଜବତ କରାଯାଇଥିଲା। କାରରେ ବସିଥିବା ୪ଜଣଙ୍କୁ ଜେରା ବେଳେ ସେମାନେ ଗଜପତି ଜିଲାରୁ ଗଞ୍ଜେଇ ଆଣି ଦିଲ୍ଲୀ ଯାଉଥିଲେ ବୋଲି ଜଣାପଡ଼ିଥିଲା। ଅଭିଯୁକ୍ତମାନେ ଗିରଫ ପରଠାରୁ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଅଛନ୍ତି। ମାମଲାର ବିଚାର ବେଳେ ୩ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଜଜ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନରେଶ ପ୍ରସାଦ ପାତ୍ର ଓ ଅତିରିକ୍ତ ପିପି ବିକ୍ରମ କୁମାର କୁଣ୍ଡୁ ମାମଲା ପରିଚାଳନା କରୁଥିଲେ ।

## ଖଣ୍ଡା ଦେଖାଇ ୩ ଗିରଫ

ଗୋପାଳପୁର,୨୫।୧(ନବୀନ ରାଜ ଆଚାରୀ)

ଗୋପାଳପୁର ଥାନା ପୋଲିସ ୩ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ସଦର ଥାନା ଲାଠି ଗ୍ରାମର ସୁନୀଲ ସେଠି, ସୁମନ ଗୌଡ଼ ଓ ଅଡବା ଥାନା ଅନ୍ତରବା ଗ୍ରାମର ସନ୍ତ ମାଳି। ଅଭିଯୁକ୍ତମାନଙ୍କ ଠାରୁ ଏକ କାର, ଗୋଟିଏ ଖଣ୍ଡା, ୩ଟି ମୋବାଇଲ ଫୋନ୍ ଓ ୪,୫୪୦ ଟଙ୍କା ଜବତ ହୋଇଛି। ବ୍ରହ୍ମପୁର ହାତୀବନ୍ଧ ସାହିର ଆରନ୍ୟ ପଟ୍ଟନାୟକଙ୍କୁ ହରିପୁର ବ୍ରିଜ ନିକଟରେ ଅଭିଯୁକ୍ତମାନେ ଖଣ୍ଡା ଦେଖାଇ ଡକାୟତି ଉଦ୍ୟମ କରୁଥିବା ବେଳେ ଗୋପାଳପୁର ପୋଲିସ ଗାଡିକୁ ଦେଖି ଚମ୍ପଟ ମାରିଥିଲେ। ଏ ନେଇ ଆରନ୍ୟଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୪୪/୨୪ରେ ଡକାୟତି ଉଦ୍ୟମ ମାମଲା ରୁଜୁ କରିଥିଲା। ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ ଗୁରୁବାର ବିଭିନ୍ନ ସ୍ଥାନରେ ଚଢ଼ଉ କରି ସେମାନଙ୍କୁ କାବୁ କରିଥିଲା। ଅନ୍ୟ ପଟେ ବଡ଼ ବଜାର ଥାନା ଅଞ୍ଚଳରେ ଏକ ହତ୍ୟା ଉଦ୍ୟମ ମାମଲାରେ ସମ୍ପୃକ୍ତ ଥାଇ ସୁନୀଲ ଫେରାର ଥିଲେ ବୋଲି ଜଣାପଡିଛି।

## ବୁଢ଼ୀ ଠାକୁରାଣୀ ମନ୍ଦିର ଉନ୍ନୟନ କାର୍ଯ୍ୟ ଶୁଭାରମ୍ଭ

ବ୍ରହ୍ମପୁର,୨୫।୧(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁରର ଅଧିଷ୍ଠାତ୍ରୀ ଦେବୀ ମା’ ବୁଢ଼ୀ ଠାକୁରାଣୀଙ୍କ ମନ୍ଦିରର ଉନ୍ନତୀକରଣ ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି। ଗୁରୁବାର ମନ୍ଦିରର ଉନ୍ନୟନ କାର୍ଯ୍ୟର ଶୁଭ ଦିଆଯାଇଛି। କାର୍ଯ୍ୟକ୍ରମରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ କୁମାର ପଣ୍ଡା, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ବିଏମସି ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ ବିବେକ ରେଡ଼ି, ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ବିଏମସି କମିଶନର ଜେ ସୋନାଲ, ଯନ୍ତ୍ରୀ ଲଳିତ ମୋହନ ଦାଶ, ପୂର୍ତ୍ତ ବିଭାଗ-୧ ନିର୍ବାହୀ ଯନ୍ତ୍ରୀ ସୋମନାଥ ତ୍ରିପାଠୀଙ୍କ ସମେତ ଅନ୍ୟ ପଦାଧିକାରୀ ଏବଂ ବହୁ କର୍ପୋରେଟର ଉପସ୍ଥିତ ଥିଲେ। ଗତ ୧୬ ତାରିଖରେ ୫-ଟି ଓ ନବୀନ ଓଡିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ବୁଢୀ ଠାକୁରାଣୀ ମନ୍ଦିର ପରିଦର୍ଶନ କରି ୧୦୦ ଦିନରେ ଉନ୍ନୟନ କାର୍ଯ୍ୟ ସାରିବାକୁ ଘୋଷଣା କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ମନ୍ଦିର ଉନ୍ନୟନ କାର୍ଯ୍ୟ ନେଇ ୧୮.୯୧୪୭ କୋଟି ଟଙ୍କା ମଞ୍ଜୁର ହୋଇଛି। ସ୍ୱାନ ଇନଫ୍ରା ବିଲଡର୍ସ ପ୍ରାଇଭେଟ ଲି ନାମକ ଠିକା ସଂସ୍ଥାକୁ ଏହାର ଦାୟିତ୍ୱ ଦିଆଯାଇଛି। ମନ୍ଦିର ସୌନ୍ଦର୍ଯ୍ୟକରଣ ସହ ଯଜ୍ଞ କୁଣ୍ଡ, ମନ୍ଦିର ପ୍ରବେଶ ପଥ, ପାଦ ଓ ହାତ ଧୋଇବା ବ୍ୟବସ୍ଥା, ପୂଜକଙ୍କ ପାଇଁ ଗୃହ ଓ ରୋଷେଇ ଘର, ମନ୍ଦିର କାର୍ଯ୍ୟାଳୟ ନିର୍ମାଣ, ୫ଟି ଭୋଗ ମଣ୍ଡପ, ପ୍ରେକ୍ଷାଳୟ, ପାର୍କିଂ ସ୍ଥଳ ନିର୍ମାଣ, ରାସ୍ତା ନିର୍ମାଣ ଓ ସିସିଟିଭି କ୍ୟାମେରା ମଧ୍ୟ ରହିବ। ବର୍ତ୍ତମାନ ପ୍ରଥମ ପର୍ଯ୍ୟାୟରେ ମା’ଙ୍କ ଗର୍ଭଗୃହ ଓ ପାର୍ଶ୍ୱ ଦେବାଦେବୀଙ୍କ ମନ୍ଦିର ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି। ଏହାପରେ ଅନ୍ୟାନ୍ୟ କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ମିଳିଛି।

## ବେଢ଼ା ବନ୍ଧ କାର୍ଯ୍ୟ ସମୀକ୍ଷା କଲେ ଯୁଗ୍ମ ସଚିବ

ବ୍ରହ୍ମପୁର,୨୫।୧
(ସ୍ମୃତି ରଞ୍ଜନ ମହାଲିକ)

ମୁଖ୍ୟମନ୍ତ୍ରୀଙ୍କ କର୍ମ ତତ୍ପରତା ଯୋଜନା (ମୁକ୍ତା)ରେ ବିଏମସି ପକ୍ଷରୁ ହେଉଥିବା ବେଢା ବନ୍ଧର ଉନ୍ନତୀକରଣ କାର୍ଯ୍ୟକୁ ଗୁରୁବାର ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଯୁଗ୍ମ ସଚିବ ସାରଦା ପ୍ରସନ୍ନ ପଣ୍ଡା ସମୀକ୍ଷା କରିଛନ୍ତି। ପ୍ରଥମ ପର୍ଯ୍ୟାୟ ଉନ୍ନୟନ କାର୍ଯ୍ୟ ମାର୍ଚ୍ଚ ସୁଦ୍ଧା ଶେଷ କରିବା ପାଇଁ ସଚିବ ଉପସ୍ଥିତ ବିଏମସି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୋଖରୀରୁ ପଙ୍କ ଓ ମାଟି ବାହାର କରାଯିବା ସହ ରାସ୍ତା, ଆବର୍ଜନା ଜଳ ନିଷ୍କାସନ ଓ ଅନ୍ୟାନ୍ୟ କାର୍ଯ୍ୟ ଜାରି ରହିଛି। ପୋଖରୀ ଚତୁଃପାର୍ଶ୍ୱରେ କାନ୍ଥ ନିର୍ମାଣ ସହ ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟ ସାରିବା ପାଇଁ ସଚିବ କହିଥିଲେ। ସୂଚନା ଥାଉ କି, ୩୦ କୋଟି ଟଙ୍କା ବ୍ୟୟରେ ବେଢା ବନ୍ଧର ଉନ୍ନୟନ କାର୍ଯ୍ୟ କରାଯାଉଛି। ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ଏସଏଚଜିକୁ ପ୍ରଦାନ କରାଯାଇଛି। ଆଜିର ଗସ୍ତ ସମୟରେ କର୍ପୋରେଟର ଧୀରେଶ ସାବତ ଓ ନିର୍ବାହୀ ଯନ୍ତ୍ରୀ ଲଳିତ ମୋହନ ଦାଶଙ୍କ ସମେତ ଏସଏଚଜି ସଦସ୍ୟମାନେ ଉପସ୍ଥିତ ଥିଲେ।



ଯୁଗ୍ମ ସଚିବଙ୍କ ସମୀକ୍ଷା କରୁଛନ୍ତି।

## ରେଳଧାରଣାରୁ ଯୁବକଙ୍କ ମୃତଦେହ ଜବତ

ବ୍ରହ୍ମପୁର,୨୫।୧(ସୁବାସ ଚନ୍ଦ୍ର ପାଢ଼ୀ)- ଛତ୍ରପୁର -ଗଞ୍ଜାମ ରେଳଧାରଣାରେ ଜଣେ ଯୁବକଙ୍କ ମୃତଦେହ ପଡିଥିବା ଗୁରୁବାର ଖବର ମିଳିଥିଲା। ସରକାରୀ ରେଳବାଇ ପୋଲିସ (ଜିଆରପି) ସେଠାରେ ପହଞ୍ଚି ମୃତଦେହ ଜବତ କରିଛି। ମୃତକଙ୍କ ପରିଚୟ ଜଣାପଡି ନ ଥିବା ବେଳେ ତାଙ୍କ ବୟସ ଆନୁମାନିକ ୨୫ରୁ ୨୮ବର୍ଷ ହେବ ବୋଲି ପୋଲିସ କହିଛି। ଏ ନେଇ ନଂ.୭/୨୪ ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଏମକେସିଜି ଶବ ସଂରକ୍ଷଣ ଗୃହରେ ମୃତଦେହ ସଂରକ୍ଷିତ ରଖାଯାଇଛି।

## ଟିପିଏସ୍‌ଓଡିଏଲ୍‌ର ଚକ୍ଷୁ ପରୀକ୍ଷା ଶିବିର

ବ୍ରହ୍ମପୁର,୨୫।୧
(ସ୍ମୃତି ରଞ୍ଜନ ମହାଲିକ)

ଟିପିଏସ୍‌ଓଡିଏଲ ପକ୍ଷରୁ ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ଗୁରୁବାର ବ୍ରହ୍ମପୁର ଉପକଣ୍ଠ ଆମ୍ବଗଡ ତାଲିମ କେନ୍ଦ୍ରରେ ଏକ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। କମ୍ପାନୀର ସୁରକ୍ଷା ବିଭାଗ ଓ କର୍ପୋରେଟ ସାମାଜିକ ଦାୟିତ୍ୱ ବିଭାଗର ମିଳିତ ଉଦ୍ୟମ ଏବଂ ହିଞ୍ଜିଳିକାଟୁ ଶଙ୍କର ଚକ୍ଷୁ ହସ୍ପିଟାଲର ସହଭାଗିତାରେ ଏହି ଶିବିର ହୋଇଥିଲା। ସଡକ ସୁରକ୍ଷା ସଚେତନତା ବୃଦ୍ଧି ସହ ସୁରକ୍ଷିତ ଗାଡି ଚାଳନା ପାଇଁ ଆବଶ୍ୟକୀୟ ସୁସ୍ଥ ଦୃଷ୍ଟି ଶକ୍ତି ସଂପର୍କିତ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏହି ଶିବିର ଆୟୋଜିତ ହୋଇଥିଲା। କମ୍ପାନୀର ବିଜିନେସ ଆସୋସିଏଶନ ଓ ସେମାନଙ୍କର ପରିବାର ସଦସ୍ୟ ଏବଂ ଉପଭୋକ୍ତାମାନେ ଚକ୍ଷୁ ପରୀକ୍ଷା କରିଥିଲେ। ପ୍ରାୟ ୧୦୦ ବ୍ୟକ୍ତି ଚକ୍ଷୁ ପରୀକ୍ଷା ଶିବିରରେ ସାମିଲ ହୋଇ ନିଜର ଦୃଷ୍ଟି ଶକ୍ତି ଗାଡି ଚାଳନା ପାଇଁ ସଠିକ କି ନୁହେଁ ସେ ନେଇ ସୂଚନା ପାଇଥିଲେ। କମ୍ପାନୀ ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ ସଡକ ସୁରକ୍ଷା ସଚେତନତା ନେଇ ପ୍ରତିବଦ୍ଧ ରହିଛି। ସଡକ ସୁରକ୍ଷା ସଚେତନତା ମାସ ବ୍ୟାପୀ ଚାଲିବାକୁ ଥିବା ବେଳେ କମ୍ପାନୀ ଦକ୍ଷିଣ ଓଡିଶାର ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ କରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

## ଏମ୍‌କେସିଜିକୁ ବୃଦ୍ଧଙ୍କ ଚକ୍ଷୁଦାନ

ବ୍ରହ୍ମପୁର,୨୫।୧(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସହରରେ ଚକ୍ଷୁଦାନ ପ୍ରତି ଲୋକଙ୍କ ଆଗ୍ରହ ବଢିବାରେ ଲାଗିଛି। ଗୁରୁବାର ବ୍ରହ୍ମପୁର ସହର ଆସ୍କାରୋଡରେ ରହୁଥିବା ସିଏଚ ଜବହାରଲାଲ ପାତ୍ର(୭୪)ଙ୍କ ମୃତ୍ୟୁ ପରେ ପରିବାର ସଦସ୍ୟ ତାଙ୍କ ଚକ୍ଷୁଦାନ କରିବାକୁ ଜଣାଇଥିଲେ। ଏମ୍‌କେସିଜି ଚକ୍ଷୁ ବିଭାଗ ମୁଖ୍ୟ ସୁଚିତ୍ରା ଦାସଙ୍କ ନିର୍ଦ୍ଦେଶକ୍ରମେ ଡ. ମନିଶା ଓରାମ, ଡ. ଶୁଭଶ୍ରୀ ସାହୁ ମୃତଙ୍କ ଘରକୁ ଯାଇ ତାଙ୍କର ଦୁଇ ଚକ୍ଷୁ ସଂଗ୍ରହ କରିଥିଲେ। ଏହି ସମୟରେ ମୃତକଙ୍କ ସ୍ତ୍ରୀ ଆଶାଲତା ପାତ୍ର, ପୁଅ ସୁବ୍ରମଣ୍ୟମ ପାତ୍ର, ୩ ଝିଅ ମାଧବୀ, ଏସ ପଲ୍ଲବୀ, ଭି. ରାଜୁ ପ୍ରମୁଖ ଉପସ୍ଥିତ ଥିଲେ। ଫ୍ରେଣ୍ଡସ ହେଲ୍ପିଂ କ୍ଲବର ସଦସ୍ୟ ଜାମୁଲା ସୁରେଶ, କେ ପୁରୁଷୋତ୍ତମ କୁମାର ସୁବୁଦ୍ଧି, ଏନ ଅନିଲ କୁମାରଙ୍କ ପ୍ରେରଣାରେ ଚକ୍ଷୁଦାନ କରାଯାଇଛି।ଏହା ଚଳିତ ବର୍ଷର ପ୍ରଥମ ଏବଂ ୨୦୨୩-୨୪ରେ ୨୫ତମ ଚକ୍ଷୁଦାନ ବୋଲି କ୍ଲବ ସଦସ୍ୟ ଜାମୁଲା କହିଛନ୍ତି।

## ଦୁର୍ନୀତିମୁକ୍ତ ସରକାର ଗଠନକୁ ଆହ୍ୱାନ

### ଭାଜପା ଯୁବମୋର୍ଚ୍ଚାର ନବ ମତଦାତା ସମ୍ମିଳନୀ

ବ୍ରହ୍ମପୁର,୨୫।୧(ନରସିଂହ ସାହୁ)

ବ୍ରହ୍ମପୁର ବିଧାନସଭା କ୍ଷେତ୍ର ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ନବ ମତଦାତା ସମ୍ମିଳନୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଗୋଷାଣି ନୂଆଗାଁସ୍ଥ ଉତ୍ତରେଶ୍ୱର ମଣ୍ଡପରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି ଓ ଗଞ୍ଜାମ ସାଙ୍ଗଠନିକ ଜିଲା ସଭାପତି ଡ଼ା. ସୁବାସ ସାହୁ ମିଳିତ ଭାବେ ଶୁଭାରମ୍ଭ କରିଥିଲେ। ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ତୁତୁନ ପାତ୍ରଙ୍କ ସଂଯୋଜନାରେ ହୋଇଥିବା ସମ୍ମିଳନୀରେ ଜିଲା ଉପସଭାପତି ସୁନୀଲ କୁମାର ସାହୁ, ରାମ କୁମାର ପାତ୍ର ଓ ସାଧାରଣ ସମ୍ପାଦକ ପ୍ରଭାତ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ଶତାଧିକ ଯୁବମୋର୍ଚ୍ଚା ନେତା ଓ କର୍ମୀ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ବିଭିନ୍ନ ସ୍ଥାନରେ ଆଭାସି ମାଧ୍ୟମରେ ନବ ମତଦାତାମାନଙ୍କୁ ଉଦବୋଧନ ଦେଇଥିଲେ। ବ୍ରହ୍ମପୁରରେ ମଧ୍ୟ ଏହା ପ୍ରଦର୍ଶିତ ହୋଇଥିଲା। ତାଙ୍କ ଭାଷଣରେ ମୁଖ୍ୟତଃ ସ୍ୱାଧୀନତାର ଅମୃତ କାଳରେ ନବ ମତଦାତାମାନେ ବିକଶିତ ଭାରତର ସଂକଳ୍ପକୁ ସାକାର କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଆଗାମୀ ୨୫ ବର୍ଷ ଦେଶ ପାଇଁ ଗୁରୁତ୍ୱପୂର୍ଣ୍ଣ। ଏହା ଯୁବ ବର୍ଗ ନିମନ୍ତେ ଚ୍ୟାଲେଞ୍ଜ। ସେମାନେ ସାରଥୀ ସାଜିବାର ବେଳ ଆସିଛି। ଗତ ୧୦ ବର୍ଷରେ ଭାଜପା ନେତୃତ୍ୱ ଏନଡିଏ ସରକାର ସମାଜର କଳଙ୍କିତ ଦୁର୍ନୀତି ହଟାଇବାରେ ସକ୍ଷମ ହୋଇଛି। ତେଣୁ ଆଗାମୀ ଦିନରେ ମଧ୍ୟ ଭାଜପାକୁ ଶାସନ କ୍ଷମତା ଦେବା ଲାଗି ନୂଆ ମତଦାତାମାନେ ସଂକଳ୍ପବଦ୍ଧ ହେବାକୁ ମୋଦୀ ଆହ୍ୱାନ ଦେଇଥିଲେ। କାହ୍ନୁ ପତି ଯୁବବର୍ଗଙ୍କୁ ସମ୍ବୋଧିତ କରି ରାଜ୍ୟ ଓ ଗଞ୍ଜାମ ଜିଲାରେ ଚାଲିଥିବା ଭ୍ରଷ୍ଟାଚାର ଶାସନର ଅନ୍ତ ଘଟାଇବାକୁ ଉପସ୍ଥିତ ଯୁବମୋର୍ଚ୍ଚା ନେତା ଓ କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ଜିଲାରେ କାମଧନ୍ଦା ନପାଇ ଲକ୍ଷାଧିକ ଯୁବକ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଯାଇଥିବା ନଜିର ଅଛି। ରାଜସ୍ୱ ବୃଦ୍ଧି ନିମନ୍ତେ ମଦ ବ୍ୟବସାୟୀଙ୍କୁ ପ୍ରୋତ୍ସାହନ ଦିଆଯାଉଛି। ତେଣୁ ଆଗାମୀ ନିର୍ବାଚନରେ ରାଜନୀତି ପରିବର୍ତ୍ତନ ଦିଗରେ ଯୁବ କର୍ମୀ ଓ ନବ ମତଦାତା ପ୍ରୟାସ କରିବାକୁ ବରିଷ୍ଠ ନେତା ମାର୍ଗଦର୍ଶନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବମୋର୍ଚ୍ଚା ନେତା କେ. ରବି ରାଓ, ବିଜୟ ପାତ୍ର, କିଶୋର ସାହୁ, ମହିଳା ମୋର୍ଚ୍ଚା ଜିଲା ସଭାନେତ୍ରୀ ରତ୍ନଗର୍ଭା ସରସ୍ୱତୀ, ଭାଜପା ନେତା ଭାବଗ୍ରାହି ପାଳ, କୃଷ୍ଣଚନ୍ଦ୍ର ଚୌଧୁରୀ ଓ ଅନ୍ୟମାନେ ସଂକ୍ଷିପ୍ତ ଭାଷଣ ଦେଇଥିଲେ।

DELHI PUBLIC SENIOR SECONDARY SCHOOL
Lanjipali, Near Jail Training School, Brahmapur - 760 008
Affiliated to CBSE, New Delhi, Affiliation No. 1530300
(Situated at the prime location of the city)
ADMISSION NOTICE
NURSERY TO STD - XI
SESSION - 2024 - 2025
-: We offer :-
+ Air Conditioned classrooms.
+ Play stations for Kindergarten.
+ Green Cover Campus.
+Teach Infinity IR interactive smart board.
+ In association with Funfit (an organization that imparts body mind connectivity: a scientific PLAY-WAY method of learning)
+Abacus Learning
Age Criteria: For Nursery : 3+, For LKG: 4+, For UKG: 5+ & Grade-I: 6+ Yrs. as on 01.04.2024
Registration forms are available ONLINE and can be obtained from school office from 11.01.2024
Office Timing : 08.00 A.M To 03.00 P.M.
Last Date of Submission : 31.03.2024
Sd/- Principal
For Details visit / Contact
DELHI PUBLIC SENIOR SECONDARY SCHOOL
Lanjipali, Near Jail Training School, Brahmapur - 760008
Mob : 7978970870 (Priyanka), 9090441184 (Ranjit)
Website : www.dpssbam.co.in E-mail : dpsbrahmapur@gmail.com
Note : Admission is based upon 25% reservation in GRADE-I for children belonging to weaker section & disadvantaged groups under Right of Children to free and compulsory education, (RTE Act 2009)

# ଖତ ଖାଉଛି ଲକ୍ଷାଧିକ ଟଙ୍କାର କୃଷି ଯନ୍ତ୍ରପାତି

ପାତ୍ରପୁର,୨୫।୧(ଉମାଚରଣ ନେପାକ)

ରାଜ୍ୟ ସରକାର ମହିଳାଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ମିଶନଶକ୍ତି ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କୃଷି କ୍ଷେତ୍ରରେ ମହିଳାଙ୍କୁ ସାମିଲ କରିବା ପାଇଁ ସେମାନଙ୍କୁ ସୁବିଧାରେ ବିଭିନ୍ନ ଯନ୍ତ୍ରପାତି ମଧ୍ୟ ରିହାତିରେ ଦେଉଛନ୍ତି। ହେଲେ ବିଡମ୍ବନାର ବିଷୟ ସୀମାନ୍ତ ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ୍‌ରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ବ୍ଲକରେ ୨୩ଟି ପଞ୍ଚାୟତ ରହିଥିବା ବେଳେ ୩ଟି ପଞ୍ଚାୟତ ସମ୍ପୂର୍ଣ୍ଣ ଆଦିବାସୀ ଅଧ୍ୟୁଷିତ। ସମସ୍ତ ପଞ୍ଚାୟତକୁ ଜୀବିକା ମିଶନ ପକ୍ଷରୁ ଗତ ୨୦୨୧ରେ ପ୍ରାୟ ୩ଲକ୍ଷ ଟଙ୍କାର କୃଷି ଯନ୍ତ୍ରପାତି ପ୍ରଦାନ କରାଯାଇଥିଲା । ତେବେ ସେଗୁଡିକ ଦୀର୍ଘ ବର୍ଷ ହେବ ବ୍ୟବହାର ନ ହୋଇ ପଡିରହିଛି।

ସରକାରଙ୍କ ପକ୍ଷରୁ ଓଜନ ମାପ ଯନ୍ତ୍ର, ଚୁନାକଳ, ମିନି ଚାଉଳ ମିଲ୍, ଡାଲି ମିଲ୍, ଧାନକଟା ମେଶିନ୍ ଭଳି ଯନ୍ତ୍ରପାତି ପ୍ରଦାନ କରାଯାଇଥିବା ବେଳେ ଉକ୍ତ ଯନ୍ତ୍ରପାତି ଗୁଡିକ ଲୋକଙ୍କ କାମ ଆସୁନି। ସରକାରଙ୍କ ଦ୍ୱାରା ଦିଆଯାଇଥିବା ଲକ୍ଷ ଲକ୍ଷ ଟଙ୍କାର ଯନ୍ତ୍ରପାତି ଗୁଡିକ ବର୍ତ୍ତମାନ ପଞ୍ଚାୟତ କାର୍ଯ୍ୟାଳୟରେ ଖତ ଖାଉଛି। ପ୍ରତ୍ୟେକ ପଞ୍ଚାୟତରେ ଗଠନ ହୋଇଥିବା ପଞ୍ଚାୟତସ୍ତରୀୟ ସଂଘକୁ ଏହା ପ୍ରଦାନ କରାଯାଇଥିବା ବେଳେ ଚାଷୀ ଓ ମହିଳା ଗୋଷ୍ଠୀକୁ ଭଡା ଆକାର ଦେବା ନିୟମ ରହିଛି। ପଞ୍ଚାୟତ ସ୍ତରୀୟ ସଂଘ ଓ ବ୍ଲକ୍ ପ୍ରଶାସନ ଏହାକୁ ଏକ ପ୍ରକାର ଭୁଲିଯାଇଛନ୍ତି। ଯନ୍ତ୍ରପାତିକୁ ବ୍ଲକ ଜୀବିକା ମିଶନ କର୍ମଚାରୀ ମହିଳା ସଂଘକୁ ଦେଲା ଭଳି କାଗଜପତ୍ର କରି ଅର୍ଥ ହରିଲୁଟ କରିଥିବା ଅଭିଯୋଗ ହୋଇଛି। ଜିଲା ପ୍ରଶାସନ ଏହାକୁ ଗୁରୁତର ସହିତ ନେଇ ସ୍ଥାୟୀ ସମାଧାନ କରିବାକୁ ବୁଦ୍ଧିଜୀବୀ ମହଲରେ ଆଲୋଚନା ହୋଇଛି।



ଏନେଇ ବ୍ଲକ ଜୀବିକା ମିଶନ ସାଇଦତ୍ତ ବେହେରାଙ୍କୁ ପଚାରିବାରୁ ସରକାରଙ୍କ ପକ୍ଷରୁ ବିଭିନ୍ନ ଯନ୍ତ୍ରପାତି ମହିଳା ସଂଘର ସଭ୍ୟାମାନଙ୍କ ପାଇଁ ଆସିଥିଲା। କିନ୍ତୁ କୌଣସି କର୍ମୀ ନେଉନାହାନ୍ତି ବୋଲି କହିଛନ୍ତି। ଅନ୍ୟପଟେ କେତେକ ଯନ୍ତ୍ରପାତି ମାଗି ମାଗି ଥକିଲୁଣି କିନ୍ତୁ ମିଳିଲାନି ବୋଲି ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟମାନେ କହିଛନ୍ତି।

## ଓଡ଼ିଆ ଭାଷା ସାହିତ୍ୟ କାର୍ଯ୍ୟକ୍ରମ ଉଦ୍‌ଯାପିତ

ବାଲିପଦର,୨୫।୧(ବିଶିକେଶନ ସ୍ୱାଇଁ)

ବୁଗୁଡ଼ା ବ୍ଲକ ବାଲିପଦର ଡିଗ୍ରୀ ମହାବିଦ୍ୟାଳୟରେ ଚାଲିଥିବା 'ନୂଆ-ଓ' ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡ଼ଃ. ବିବେକାନନ୍ଦ ପଟ୍ଟନାୟକ ପୌରୋହିତ୍ୟ କରିଥିବା ବେଳେ ପରିଚାଳନା ପରିଷଦ ସଭାପତି ହରିହର ବିଶୋୟୀ ମୁଖ୍ୟଅତିଥି, ଅବସରପ୍ରାପ୍ତ ଅଧ୍ୟକ୍ଷ ଡ଼ଃ. ଶ୍ୟାମା ପ୍ରସାଦ ମିଶ୍ର ମୁଖ୍ୟବକ୍ତା, ଡ଼ଃ. ପ୍ରଦୀପ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜଗନ୍ନାଥ ସର୍ବଧର୍ମ; ସମନ୍ୱୟର ପ୍ରତୀକ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଗୋପୀନାଥ ମହାନ୍ତି ସଂଯୋଜନା କରିଥିଲେ। ଅଧ୍ୟାପକ ଅମୀୟ କୁମାର ସ୍ୱାଇଁ, ଡ଼ଃ. ଏ ଜିତେଶ ରାଓ ଦୋରା, ପ୍ରେମାନନ୍ଦ ପ୍ରଧାନ, ଅଧ୍ୟାପିକା ମିନତୀ ଆଚାରୀ, ଭକ୍ତଲତା ମହାପାତ୍ର, ସଲୀଲା ନାୟକ ଓ କ୍ରୀଡ଼ା ଅଧ୍ୟାପକ ଭଂଜନ କିଶୋର ଗୌଡ଼, ନବଘନ ପ୍ରଧାନ, ସୀମାଞ୍ଚଳ ଗୌଡ଼, କୃଷ୍ଣଚନ୍ଦ୍ର ନାହାକ, ଏ. ଶିବାନୀ ଦେବୀ ଆଚାରୀ, ନାରାୟଣ ବଡୁ, ପ୍ରଦେଶ କୁମାର ସ୍ୱାଇଁ, ଆଶିଷ କୁମାର ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ଜଙ୍ଗଲରୁ ମହିଳାଙ୍କ ମୃତଦେହ ଜବତ, ସ୍ୱାମୀ ଅଟକ

ଦାରିଙ୍ଗବାଡ଼ି, ୨୫।୧(ଅରୁଣ ସାହୁ)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଥାନା ଅଞ୍ଚଳର ଏକ ଘଞ୍ଚ ଜଙ୍ଗଲରୁ ଗୁରୁବାର ପୋଲିସ ଜଣେ ମହିଳାଙ୍କ କ୍ଷତବିକ୍ଷତ ମୃତଦେହ ଜବତ କରିଛି। ସେ ହେଲେ ଉକ୍ତ ଥାନା ବି. ଡକେବାଡି ଗ୍ରାମର ଶାନ୍ତନା ନାୟକ। ହତ୍ୟା ପରେ ଶାନ୍ତନାଙ୍କୁ ତାଙ୍କ ସ୍ୱାମୀ ଜଙ୍ଗଲରେ ଫିଙ୍ଗିଦେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ପୋଲିସ ଶାନ୍ତନାଙ୍କ ସ୍ୱାମୀକୁ ଅଟକ ରଖି ପଚରାଉଚରା କରୁଛି। ପୋଲିସ ତଥ୍ୟ ଅନୁସାରେ, ଶାନ୍ତନାଙ୍କୁ ସେହି ଅଞ୍ଚଳର ଜଣେ ଯୁବକ ୭ ବର୍ଷ ପୂର୍ବେ ପ୍ରେମ ବିବାହ କରିଥିଲେ। ଦୁହେଁ ଅଲଗା ଅଲଗା ଜାତିର ହୋଇଥିବାରୁ ଶାନ୍ତନାଙ୍କୁ ତାଙ୍କ ଶାଶୁଘର ଲୋକ ଗ୍ରହଣ କରୁ ନ ଥିଲେ। ହେଲେ ମଙ୍ଗଳବାରଠାରୁ ଶାନ୍ତନା ନିଖୋଜ ଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ସମୟରେ ଗୁରୁବାର ଏକ ଜଙ୍ଗଲରେ ମୃତଦେହ ପଡିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଶାନ୍ତନାଙ୍କ ସ୍ୱାମୀ ଯୋଜନାବଦ୍ଧ ଭାବେ ଏହି ହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଥିବା ବେଳେ ପୋଲିସ ଶାନ୍ତନାଙ୍କ ସ୍ୱାମୀକୁ ଅଟକ ରଖି ପଚରାଉଚରା କରୁଛି। କେଉଁ କାରଣରୁ ଶାନ୍ତନାଙ୍କୁ ହତ୍ୟା କରାଯାଇ ଜଙ୍ଗଲରେ ଫିଙ୍ଗି ଦିଆଯାଇଥିଲା ତାହା ତଦନ୍ତ ପରେ ଜଣାପଡିବ ବୋଲି ପୋଲିସ କହିଛି। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ବିଭିନ୍ନ ନମୁନା ସଂଗ୍ରହ କରିଥିବା ବେଳେ ଏ ନେଇ ପୋଲିସ ଏକ ହତ୍ୟା ମାମଲା (ନଂ. ୧୪/୨୪)ରୁଜୁ କରିଛି।

# ଖଣ୍ଡା ଦେଖାଇ ଆତଙ୍କ ଖେଳାଇଥିବା ୫ ଯୁବକ ଗିରଫ

ଖଲ୍ଲିକୋଟ,୨୫।୧(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ଏନ୍ଏସି ଅନ୍ତର୍ଗତ ବାଲୁଙ୍କେଶ୍ୱର ଗ୍ରାମରେ ବୁଧବାର ରାତ୍ରିରେ ପୂର୍ବ ଶତ୍ରୁତାକୁ ନେଇ ଖଣ୍ଡା ଦେଖାଇ ଆତଙ୍କ ଖେଳାଇଥିବା ୫ ଜଣଙ୍କୁ ପୋଲିସ ଗୁରୁବାର କୋର୍ଟ ଚାଲାଣ କରିଛି। କିଛି ଦିନ ତଳେ ହୋଇଥିବା କ୍ରିକେଟ ଖେଳ ଝଗଡ଼ାକୁ କେନ୍ଦ୍ରକରି ରାତି ଅଧରେ ସାହି ଭିତରେ ଆତଙ୍କ ଖେଳାଇଥିଲେ ବାଲୁଙ୍କେଶ୍ୱରପୁର ଗ୍ରାମର ବୁଲୁ ଗୌଡ଼ ଓ ତାଙ୍କର କିଛି ସହଯୋଗୀ। କିଛି ସମୟ ଯାଏ ସାହି ଭିତରେ ଖଣ୍ଡା ଧରି ଲୋକଙ୍କୁ ଭୟଭୀତ କରାଇବା ସହ ସେହି ଗ୍ରାମର ରାଜା ପ୍ରଧାନଙ୍କୁ ମାରିବା ପାଇଁ ଉଦ୍ୟମ କରିଥିଲେ ବୋଲି ରାଜାଙ୍କ ବାପା ଖଲ୍ଲିକୋଟ ଥାନାରେ ଏତଲା ଦେଇଥିଲେ। ଏ ନେଇ ନଂ. ୫୬/୨୪ରେ ଏକ ମାମଲା ରୁଜୁ ହୋଇଛି। ରାଜା ପ୍ରଧାନଙ୍କ ବାପାଙ୍କ ଅଭିଯୋଗ ଆଧାରରେ ଆତଙ୍କ ଖେଳାଇଥିବା ଯୁବକମାନଙ୍କ ଉପରେ ପୋଲିସ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ତେବେ ରାଜାଙ୍କ ଘର ଆଗରେ ଖଣ୍ଡା ଧରି ଆତଙ୍କ ଖେଳାଇବାର ଭିଡିଓ ଭାଇରାଲ ହେବା ପରେ ୬ଜଣ ଯୁବକଙ୍କ ମଧ୍ୟରୁ ୫ଜଣଙ୍କୁ ଗିରଫ କରିଥିବା ବେଳେ ଜଣେ ଅଭିଯୁକ୍ତ ଫେରାର ଅଛି। ପୋଲିସ ଦୁଇ ଖଣ୍ଡା ଜବତ କରିଥିବା ବେଳେ ହାପ ମର୍ଡର, ସଂଘବଦ୍ଧ ଆକ୍ରମଣ, ଘରେ ପଶି ଆକ୍ରମଣ ସହ ଆର୍ମସ ଆକ୍ଟ ଭଳି ସଙ୍ଗୀନ ଦଫା ଲଗାଇ କୋର୍ଟ ଚାଲାଣ କରିଛି ।

## ଏମ୍ଏସ୍‌ବି ୟୁଥ୍ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଫିରିଙ୍ଗିଆ,୨୫।୧(ବିକ୍ରମ ଦିଗାଲ): ଫିରିଙ୍ଗିଆ ବ୍ଲକ ମାସରିପଡ଼ା ଗାଁ ଖେଳ ପଡିଆଠାରେ ଦୁଇ ଦିନ ଧରି ଚାଲିଥିବା ପ୍ରଥମ ବାର୍ଷିକ ଏମ୍ଏସ୍ ବି ୟୁଥ ଭଲିବଲ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଫିରିଙ୍ଗିଆ ବିଡିଓ ଅନୁପ ଅଭିଷେକ ବେହେରା ଏବଂ ସମ୍ମାନିତ ଅତିଥିଭାବେ ପବିଙ୍ଗିଆ ସରପଞ୍ଚ, ଫିରିଙ୍ଗିଆ ସରପଞ୍ଚ ଓ ରତଙ୍ଗ ସମିତି ସଭ୍ୟ ଉପସ୍ଥିତ ଥିଲେ। ବିଜେତା ଦଳକୁ ଟ୍ରଫି ସହ ପୁରସ୍କାର ଦେବା ସହ ଓ ଉପବିଜେତା ଦଳକୁ ମଧ୍ୟ ଟ୍ରଫି ସହିତ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ବେଷ୍ଟ ନେଟର ଗୋଚ୍ଛାପଡ଼ା ବର୍ଣ୍ଣିଙ୍କୁ ଟ୍ରଫି, ବେଷ୍ଟ ଖେଳାଳି ସେସ୍କାଯୋଡି ଆକାଶଙ୍କୁ ଟ୍ରଫି, ବେଷ୍ଟ ରେଫରି ଚର୍ମେଶ୍ୱର ନାୟକଙ୍କୁ ଟ୍ରଫି ଦିଆଯାଇଥିଲା। ଏହି ଟୁର୍ନାମେଣ୍ଟରେ ୧୦ ଟିମ ଭାଗ ନେଇ ଥିବା ବେଳେ ଶେଷ ପର୍ଯ୍ୟାୟରେ ଗୋଛାପଡ଼ା ସହିତ ସେସ୍କାଯୋଡ଼ିର ପ୍ରତିଯୋଗିତା ହୋଇଥିଲା। ସେଥିରେ ସେସ୍କାଯୋଡ଼ି ଦଳକୁ ୨.୦ରେ ହରାଇ ଗୋଚ୍ଛାପଡ଼ା ଚାମ୍ପିୟନ ହୋଇଥିଲା।

## ନବ ମତଦାତା ସମ୍ମିଳନୀ

କୋଦଳା, ୨୫।୧(ଅମିତ କୁମାର ପଟ୍ଟନାୟକ)

ଜାତୀୟ ଭୋଟର ଦିବସରେ ଗୁରୁବାର କୋଦଳାଠାରେ ନବ ମତଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ନୂଆ ଭୋଟରଙ୍କ ସହ ସିଧାସଳଖ ପ୍ରଧାନମନ୍ତ୍ରୀ ଯୋଡି ହୋଇଥିବା ବେଳେ ଏନେଇ ସିଧା ପ୍ରସାରଣ କାର୍ଯ୍ୟକ୍ରମରେ ଶହ ଶହ ସଂଖ୍ୟାରେ ଯୁବ ଭୋଟର ସାମିଲ ହୋଇଥିଲେ। କୋଦଳା ଅଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ନାୟକଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମଣ୍ଡଳୀ ପ୍ରଭାରୀ ଜୟନ୍ତୀ ପଢିଆରୀ, ଘୁମୁସର ସାଂଗଠନିକ ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ମୀରାବାଈ ଦେଓ, କୋଦଳା ଉପାଧ୍ୟକ୍ଷା ରଞ୍ଜିତା ସେଠୀ, କାଉନସିଲର ରୀତାଞ୍ଜଳୀ ମିଶ୍ରଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ସମ୍ମିଳନୀରେ ୯ ବର୍ଷରେ ମୋଦି ସରକାରଙ୍କ ଯୁବ କଲ୍ୟାଣ ଯୋଜନା ବିଷୟରେ ଯୁବ ବର୍ଗଙ୍କୁ ଅବଗତ କରାଯାଇଥିଲା।

## ଋଷିମାଳ ମହାବିଦ୍ୟାଳୟ ପରିସରରେ ହେବ ଛାତ୍ରାବାସ

ଦାରିଙ୍ଗବାଡି,୨୫।୧(ଅରୁଣ ସାହୁ):

ଦାରିଙ୍ଗବାଡି ବ୍ଲକର ଦୁର୍ଗମ ବ୍ରାହ୍ମଣୀଗାଁଠାରେ ଥିବା ଋଷିମାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଅନୁସୂଚିତ ଜନଜାତି ଉନ୍ନୟନ ବିଭାଗ ପକ୍ଷରୁ ଛାତ୍ରାବାସ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୩କୋଟି ଅନୁମୋଦନ ହୋଇଥିବା ବିଧାନସଭାର ଉପବାଚସ୍ପତି ସାଲୁଗା ପ୍ରଧାନ କହିଛନ୍ତି। ଦୀର୍ଘଦିନ ଧରି ଉକ୍ତ ଅଞ୍ଚଳରେ ରହିଥିବା ମହାବିଦ୍ୟାଳୟ ପରିସରରେ ଛାତ୍ରାବାସ ନିର୍ମାଣ କରାଯିବାକୁ ଅଭିଭାବକ ଓ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଆସୁଥିଲା। ଏ ନେଇ ବିଧାୟକ ତଥା ଉପବାଚସ୍ପତି ସାଲୁଗା ପ୍ରଧାନ ରାଜ୍ୟ ସରକାରଙ୍କ ନିକଟରେ ଜଣାଇଥିଲେ ଯାହାକି ଏବେ ସରକାର ଅର୍ଥ ମଞ୍ଜୁର କରିଛନ୍ତି ଶୀଘ୍ର ଟେଣ୍ଡର ପ୍ରକ୍ରିୟା କରାଯାଇ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ବାଲିଗୁଡା ଜନଜାତି ଉନ୍ନୟନ ସଂସ୍ଥା ସୂତ୍ରରୁ ଜଣାପଡିଛି। ପ୍ରକାଶ ଯେ, ବ୍ରାହ୍ମଣୀଗାଁଠାରେ ରହିଥିବା ଋଷିମାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଡିଗ୍ରୀ ମହାବିଦ୍ୟାଳୟ ଉପରେ ଉକ୍ତ ବ୍ଲକର ୨୫ ପଞ୍ଚାୟତ ସମେତ ପଡ଼ୋଶୀ ବ୍ଲକର ଛାତ୍ରୀଛାତ୍ରମାନେ ନିର୍ଭର କରୁଛନ୍ତି ହେଲେ ଛାତ୍ରାବାସ ନ ଥିବାରୁ ଘରଭଡା କରି ଛାତ୍ରୀଛାତ୍ରମାନେ ରହି ପାଠ ପଢୁଥିବା ବେଳେ ଅନେକେ ଦୁରଦୂରାନ୍ତରୁ ଯାତ୍ରୀବାହୀ ବସ୍‌ରେ ଯାତାୟାତ କରି ଆର୍ଥିକ, ଶାରୀରିକ ଓ ମାନସିକ କଷ୍ଟ ପାଉଥିଲେ । ସେମାନଙ୍କ ସୁରକ୍ଷା ଦୃଷ୍ଟିରୁ ସରକାର ଏହି ପଦକ୍ଷେପ ନେଇଥିବା ଉପବାଚସ୍ପତି ପ୍ରଧାନ କହିଛନ୍ତି।

## ନୂଆ–ଓ କାର୍ଯ୍ୟକ୍ରମ ଉଦ୍‌ଯାପିତ

ରମ୍ଭା,୨୫।୧(ବନବାସୀ ସେଠୀ)

ସ୍ଥାନୀୟ ଶ୍ରୀଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ –ଓ ଓଡ଼ିଆ ସାହିତ୍ୟ ଓ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ସମ୍ବନ୍ଧୀୟ କାର୍ଯ୍ୟକ୍ରମ ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷ ଡ଼ଃ.ରଞ୍ଜନ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସୁରେନ୍ଦ୍ର ନାଥ ମିଶ୍ରଙ୍କ ବେଦ ପାଠ ଏବଂ ସାମୁହିକ ପ୍ରଦୀପ ପ୍ରଜ୍ୱଳନ ସହ ବନ୍ଦେ ଉତ୍କଳ ଜନନୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା। ଓଡ଼ିଆ ଅଧ୍ୟାପକ ନୋଡାଲ ଅଫିସର ରମେଶ ଚନ୍ଦ୍ର ବେହେରା ଅତିଥିମାନଙ୍କୁ ଆମନ୍ତ୍ରଣ କରିବା ସହ କାର୍ଯ୍ୟକ୍ରମର ବିବରଣୀ ପଠନ କରିଥିଲେ। ଇଂରାଜୀ ଅଧ୍ୟାପକ ଅମ୍ବିକା ପ୍ରସାଦ ସାମନ୍ତରାୟ ଅତିଥି ପରିଚୟ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟଅତିଥି ଭାବେ ରମ୍ଭା ଏନ୍ଏସି ଅଧ୍ୟକ୍ଷା ମାନସୀ ସ୍ୱାଇଁ, ମୁଖ୍ୟବକ୍ତା ସାହିତ୍ୟକ ଓ ଗାଳ୍ପିକ ଶିବ ପ୍ରସାଦ ମିଶ୍ର, ଭାଷା ବିଶେଷଜ୍ଞ ତଥା ଚିଲିକା ସାହିତ୍ୟ ସଂସଦର ସଭାପତି ବାଳ ମୁକୁନ୍ଦ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଅମର ନାୟକ, ଶରତ ଚନ୍ଦ୍ର ଯୋଷୀ, କାଳୁ ଚରଣ ଜେନା, ରୀନା ପାଣିଗ୍ରାହୀ, ରାଜେନ୍ଦ୍ର ନାହାକ, ଲଳିତେନ୍ଦୁ ବେହେରା, କାଳିଆ ବେହେରା, ପ୍ରମୋଦ ଚନ୍ଦ୍ର ବେହେରା ସହଯୋଗ କରିଥିଲେ।



## ସଂକ୍ଷେପରେ

### ନମୋ ନବ ମତଦାତା ସମ୍ମିଳନୀ

ଶେରଗଡ, ୨୫।୧(ସୂର୍ଯ୍ୟ ନାରାୟଣ ଦାଶ): ଶେରଗଡସ୍ଥିତ କଳିଙ୍ଗ ବୈଶ ଭବନ ଠାରେ ଭାଜପା ପକ୍ଷରୁ ନମୋ ନବ ମତଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଭାଜପାର ସଂଯୋଜକ ରଜନୀକାନ୍ତ ପାଢୀ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲା ସମ୍ପାଦକ ସଞ୍ଜୟ କୁମାର ପ୍ରଧାନ, ମଣ୍ଡଳ ସଭାପତି ଗୌରିଶଙ୍କର ଗୌଡ, ସୁଜିତ ବିଷୋୟୀ, ସୂର୍ଯ୍ୟ ନାୟକ, ବୃନ୍ଦାବନ ଦାଶ ଯୋଗଦେଇଥିଲେ। ବିଜୟ କୁମାର ବିଶ୍ୱାଳଙ୍କ ସଯୋଜନାରେ ଅନୁଷ୍ଠିତ ନୂଆ ମତଦାତାଙ୍କ ସମ୍ମିଳନୀରେ କେନ୍ଦ୍ର ସରକାରଙ୍କ ଯୋଜନା ସମ୍ପର୍କରେ କୁହାଯାଇଥିଲା। ୪୦୦ ରୁ ଅଧିକ ନବ ମତଦାତା ଯୋଗଦେଇଥିଲେ।

### ଶ୍ରୀଜଗନ୍ନାଥ ସଂସ୍କୃତି ସମ୍ପର୍କିତ ପାଠଚକ୍ର

ଚିକିଟି, ୨୫।୧(ପ୍ରକାଶ ଚନ୍ଦ୍ର ସାହୁ) ଚିକିଟି ବ୍ଲକ ଅନ୍ତର୍ଗତ ନୂଆପଡାସ୍ଥିତ ବାଲାଜୀ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିବା ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରାୟୋଜିତ ନୂଆ– ଓ କାର୍ଯ୍ୟକ୍ରମର ଶ୍ରୀ ଜଗନ୍ନାଥ ସଂସ୍କୃତି ସମ୍ପର୍କିତ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡା ସୁଦର୍ଶନ ପଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୁରୀ ଜଗନ୍ନାଥ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ବ୍ରଜ କିଶୋର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡା. ସୀମାଞ୍ଚଳ ପ୍ରଧାନ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ମନରେ ଠାକୁରଙ୍କ ପ୍ରତି ଭକ୍ତିଭାବ ସୃଷ୍ଟିକରିବା ସଂଗେ ସଂଗେ ନୀଳାଦ୍ରିମହୋଦୟ ଗ୍ରନ୍ଥକୁ ସେ ସମ୍ପାଦନା କରିଥିଲେ। ଯୁକ୍ତ ୨ ଓ ଯୁକ୍ତ ୩ ନୋଡାଲ ଅଧିକାରୀ ଡାନିଏଲ ମାରାଣ୍ଡି ଓ ତ୍ରିପତି ଗମାଙ୍ଗ ଏହାର ସଂଯୋଜନା କରିଥିବା ବେଳେ ଅଧ୍ୟାପକ ଏକାମ୍ରର ସାହୁ ଧନ୍ୟବାଦ ଦେଇଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

### ଆଇନଜୀବୀଙ୍କ ବିୟୋଗରେ ଶୋକ



ପାରଳାଖେମୁଣ୍ଡି, ୨୫।୧ (ଗିରିଧାରୀ ପରିଚ୍ଛା): ଗଜପତି ଜିଲାର ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ପାତ୍ର(୭୦) ଙ୍କ ବିୟୋଗ ଘଟିଛି। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଅନ୍ତେଷ୍ଟିକ୍ରିୟା ହୋଇଥିଲା । ତାଙ୍କର ବିୟୋଗ ଖବର ପ୍ରଚାରିତ ହେବା ପରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି । ଗଜପତି ଜିଲା ଆଇନଜୀବୀ ସଂଘ ପକ୍ଷରୁ ଶୋକ ପ୍ରକାଶ ପାଇଛି। ଆଇନଜୀବୀ ଲକ୍ଷ୍ମୀକାନ୍ତ ଅଧିକାରୀ, ସିଦ୍ଧେଶ୍ୱର ମିଶ୍ର, ମିଟୁ ସାବତ, ରାମ ନାୟକ, ପାରଳା ବିଧାୟକ କେ ନାରାୟଣ ରାଓ, ପୂର୍ବତନ ବିଧାୟକ କେ ସୁର୍ଯ୍ୟା ରାଓ ପ୍ରମୁଖଙ୍କ ସମେତ ବହୁ ବରିଷ୍ଠ ନାଗରିକ ଦିବଂଗତ ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି।

### ବାଲୁଙ୍କେଶ୍ୱର ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

ଧରାକୋଟ, ୨୫।୧(ବିଷ୍ଣୁ କେଶରୀ ଆଚାର୍ଯ୍ୟ) ଧରାକୋଟ ବ୍ଲକ ଓଳମ୍ବାସ୍ଥିତ ବାଲୁଙ୍କେଶ୍ୱର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ସଭପତି ଶରତ ଚନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଇଓ ଲିଙ୍ଗରାଜ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଏବିଇଓ ପ୍ରଦୀପ କୁମାର ଶତପଥୀ, ପ୍ରଦୀପ କୁମାର ହୋତା, ଉମା ଚରଣ ପାଣିଗ୍ରାହୀ, ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ କନ୍ଧମାଳ ଜିଲା ଅଗ୍ନିଶମ ଅଧିକାରୀ ଅଜିତ କୁମାର ଗୌଡ଼, ଧରାକୋଟ ଅଗ୍ନିଶମ ଅଧିକାରୀ ଚିତ୍ତରଞ୍ଜନ ସାହୁ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ଶିଶିର ମହାନ୍ତି ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ନିଶାକର ପାତ୍ର ପରିଚାଳନା କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷକ ମଙ୍ଗୁଲୁ ଜେନା ଧନ୍ୟବାଦ ଦେଇଥିଲେ।

# ମତାଧିକାର ସାବ୍ୟସ୍ତ କରିବାକୁ ସଂକଳ୍ପ

## ଜାତୀୟ ମତଦାତା ଦିବସ ପାଳିତ




କାର୍ଯ୍ୟକ୍ରମରେ ଜଣେ ମହିଳାଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ଭଞ୍ଜନଗର, ୨୫।୧(ବାବୁଲା ପ୍ରଧାନ): ଭଞ୍ଜନଗର ଉପଖଣ୍ଡସ୍ତରୀୟ ୧୪ତମ ଜାତୀୟ ମତଦାତା ଦିବସ ଗୁରୁବାର ସ୍ଥାନୀୟ ଟାଉନ ହଲଠାରେ ପାଳିତ ହୋଇଯାଇଛି। ଉପଜିଲାପାଳ ଅନିଲ କୁମାର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଷ୍ଟ୍ର ଗଠନରେ ଭୋଟରମାନଙ୍କ କର୍ତ୍ତବ୍ୟ ଓ ଭୂମିକା ବାବଦରେ ବକ୍ତବ୍ୟ ରଖିଥିଲେ। ଦେଶର ଗଣତାନ୍ତ୍ରିକ ପରମ୍ପରାର ମର୍ଯ୍ୟାଦା ବଜାୟ ରଖିବା ତଥା ମୁକ୍ତ, ଅବାଧ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନର ଗାରିମାକୁ ଅକ୍ଷୁର୍ଣ୍ଣ ରଖି ନିର୍ଭିକ ହୋଇ ଜାତି, ଧର୍ମ, ବର୍ଣ୍ଣ, ଗୋଷ୍ଠୀ ଭାଷା ଅଥବା ଅନ୍ୟ କୌଣସି ପ୍ରଲୋଭନରେ ପ୍ରଭାବିତ ନହୋଇ ନିର୍ବାଚନରେ ନିଜ ମତାଧିକାର ସାବ୍ୟସ୍ତ କରିବାକୁ ସମସ୍ତେ ସଂକଳ୍ପ ନେଇଥିଲେ। ଅତିରିକ୍ତ ଜିଲାପାଳ ବିଶ୍ୱରଞ୍ଜନ କର, ଡେପୁଟି କଲେକ୍ଟର ଦିପ୍ତିମୟୀ ପ୍ରଧାନ, ବେଲଗୁଣ୍ଠା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାରତୀ ଦେବୀ, ଭଞ୍ଜନଗର ତହସିଲଦାର ଉମାଶଙ୍କର ବେହେରା, ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରଞ୍ଜନ ରାୟ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ବିଶ୍ୱାମିତ୍ର ହରପାଲ, ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀ ଗୌରୀଶଙ୍କର ଶତପଥୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଉତ୍କୃଷ୍ଟ କାର୍ଯ୍ୟ କରିଥିବା ୧୨ ଜଣ ଶ୍ରେଷ୍ଠ ବିଏଲଓ ଓ ସୁପରଭାଇଜଙ୍କୁ ପୁରସ୍କୃତ କରାଯାଇଥିଲା।




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି

ପାରଳାଖେମୁଣ୍ଡି, ୨୫।୧୧ (ଗିରିଧାରୀ ପରିଚ୍ଛା): ଜିଲାସ୍ତରୀୟ ୧୪ତମ ଜାତୀୟ ଭୋଟର ଦିବସ ରାଜଦାଣ୍ଡଠାରେ ମହସମରହୋରେ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ବୀରେନ୍ଦ୍ର କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଜାତୀୟ ଭୋଟର ଦିବସରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରି ନିଜ ବକ୍ତବ୍ୟର ଜଣାଇ ଥିଲେ ଯେ,ଆମ ସମ୍ବିଧାନରେ ଭାରତର ପ୍ରତ୍ୟେକ ନାଗରିକଙ୍କୁ ଭୋଟ ଦେବା ଅଧିକାର ରହିଛି । ଏଣୁ ପ୍ରତ୍ୟେକ ନିଜ ନିଜ ଅଧିକାର ସାବ୍ୟସ୍ତ କରିବା ଜରୁରୀ। ସମ୍ମାନିତ ଅତିଥି ରୂପେ ଆରକ୍ଷୀ ଅଧୀକ୍ଷକ ସ୍ୱାତୀ ଏସ୍. କୁମାର ଯୋଗଦେଇ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ଅନ୍ୟତମ ଅତିଥି ଭାବେ ବନ ଖଣ୍ଡ ଅଧିକାରୀ ଏସ ଆନନ୍ଦ, ମୁଖ୍ୟ ଉନ୍ନୟନ ଅଧିକାରୀ ଡ଼.ଗୁଣନିଧି ନାୟକ, ପୌର ପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀ, ଉପଜିଲାପାଳ ଆଲୋକ କୁମାର ପ୍ରଧାନ ପ୍ରମୁଖ ମଞ୍ଚାସିନ ଥିଲେ। ଯୁବ, ନୂତନ ଭୋଟର ଦାତାମାନଙ୍କୁ ଭୋଟ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ତହସିଲଦାର ନାରାୟଣ ବେହେରା, ଡେପୁଟି କଲେକ୍ଟର (ନିର୍ବାଚନ) ତୃପ୍ତିମୟୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ବୁଥ୍ ଚାଲ ଅଭିଯାନ କାର୍ଯ୍ୟକ୍ରମ

ଆସିକା, ୨୫।୧(ସୁରେନ୍ଦ୍ର ନାଥ ସାହୁ): ଆସିକା ବିଧାନସଭା ନିର୍ବାଚନ ମଣ୍ଡଳି ଭାଜପା ପକ୍ଷରୁ ଗୁରୁବାର ସ୍ଥାନୀୟ ଖମ୍ବେଶ୍ୱରୀ ମନ୍ଦିର କଲ୍ୟାଣ ମଣ୍ଡପଠାରେ ବୁଥ୍ ଚାଲ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଘୁମୁସର ଜିଲା ଭାଜପା ସାଧାରଣ ସଂପାଦକ ନାରାୟଣ ବେହେରାଙ୍କ ସଂଯୋଜନାରେ ରାଜ୍ୟ ଭାଜପା ସାଧାରଣ ସମ୍ପାଦକ ସାରଦା ଶତପଥି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନିତା ଶୁଭଦର୍ଶିନୀ, ପୂର୍ବତନ ବିଧାୟକ ଦେବରାଜ ମହାନ୍ତି, ସୂର୍ଯ୍ୟନାରାୟଣ ଦାଶ, ପୂର୍ବତନ ବିଧାୟକ ସରୋଜ କୁମାର ପାଢୀ, ଅରୁଣ କୁମାର ପଣ୍ଡା, ମଧୁସ୍ମିତା ପୋଲାଇ, ରବିନ୍ଦ୍ର ପୋଲାଇ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ନିର୍ବାଚନ ମଣ୍ଡଳିର ୨୦୯ ବୁଥ ଲାଗି ୧୦୫ଜଣ କାର୍ଯ୍ୟକର୍ତ୍ତାଙ୍କୁ ଚୟନ କରାଯାଇ ଦାୟିତ୍ୱ ଦିଆଗଲା । ପ୍ରତ୍ୟେକ କାର୍ଯ୍ୟକର୍ତ୍ତା ଦୁଇଟି ଲେଖାଏ ବୁଥକୁ ଯାଇ ଯେଉଁଠି ବୁଥ କମିଟି ଗଠିତ ହୋଇପାରିନାହିଁ ସେଠାରେ ବୁଥ କମିଟି ଗଠନ କରିବେ। କାର୍ଯ୍ୟକ୍ରମ ପୂର୍ବରୁ ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଦୁଇଟି ସ୍ଥାନରେ ନବ ମତଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ସାବିତ୍ରୀ କଲ୍ୟାଣ ମଣ୍ଡପ ଠାରେ କାହ୍ନା ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ରୀନିବାସ ଭଞ୍ଜ, ଡାକ୍ତର ବସନ୍ତ ଦାଶ ପ୍ରମୁଖ ଯୋଗ ଦେଇଥିଲା ବେଳେ ଖମ୍ବେଶ୍ୱରୀ ମନ୍ଦିର କଲ୍ୟାଣ ମଣ୍ଡପଠାରେ ସରୋଜ ଭଞ୍ଜଙ୍କ ସଂଯୋଜନାରେ ଅନୁଷ୍ଠିତ ଅନ୍ୟ ଏକ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ସରୋଜ ପାଢୀ ଯୋଗଦେଇଥିଲେ।

# ଭୋଟର ସଚେତନତା ରାଲି

ଛତ୍ରପୁର, ୨୫।୧(ଦିଲୀପ ସାମଲ): ଜାତୀୟ ଭୋଟର ଦିବସ ଅବସରରେ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ଏକ ସଚେତନତା ରାଲିକୁ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଅତିରିକ୍ତ ଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି, ଦେବବ୍ରତ ସାହୁ ଓ ଲିନା କୁମାରୀ ଖେସ, ଛତ୍ରପୁର ଉପଜିଲାପାଳ ଦେବଦତ୍ତ ମହାନ୍ତ, ଡେପୁଟି କଲେକ୍ଟର (ନିର୍ବାଚନ ) ରାଜେଶ କୁମାର ଏକା, ଆସିଷ୍ଟାଣ୍ଟ କଲେକ୍ଟର ଓମ ପ୍ରକାଶ ପରିଡାଙ୍କ ସମେତ ବିଭାଗୀୟ ଅଧିକାରୀ, ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଓ ମିଶନ ଶକ୍ତିର ମା'ମାନେ ସାମିଲ ଥିଲେ। ଏହି ଅବସରରେ ସ୍ଥାନୀୟ ଜିଲାପରିଷଦ ଭବନର ଋଷିକୂଲ୍ୟା ସମ୍ମିଳନୀ ଏକ ସଭା ଅନୁଷ୍ଠିତ ହୋଇଥିଲା। କିଛି ନୂତନ ଭୋଟରଙ୍କୁ ଭୋଟ ପରିଚୟ ପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା।

# ମିଶନ ଶକ୍ତି କାଫେ ଉଦ୍‌ଘାଟିତ

ଛତ୍ରପୁର, ୨୫।୧ (ଦିଲ୍ଲୀପ ସାମଲ) : ଛତ୍ରପୁରସ୍ଥିତ ଗଞ୍ଜାମ ଏସପିଙ୍କ କାର୍ଯ୍ୟାଳୟ ପରିସରରେ ଗୁରୁବାର ମିଶନ ଶକ୍ତି କାଫେ ଉଦ୍‌ଘାଟିତ ହୋଇଛି। ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ଏସପି ଜଗମୋହନ ମିନା ଓ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଭି. କୀର୍ତ୍ତି ଭାସନ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଏହି ମିଶନ ଶକ୍ତି କାଫେ ଦ୍ୱାରା ପୋଲିସ ଅଧିକାରୀ ଓ କର୍ମଚାରୀମାନଙ୍କ ଠାରୁ ଆରମ୍ଭ କରି ସମସ୍ତ ବର୍ଗର ଜନସାଧାରଣମାନେ ଉପକୃତ ହୋଇପାରିବେ । ଛତ୍ରପୁର




ବ୍ଲକ ଲେବଲ ଫେଡ଼ରେସନ ଓ ଏନଏସିର ଏସ୍‌ଏଚ୍‌ଜି ସଦସ୍ୟାମାନଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ଅବସରରେ ଓଡିଶା ଜୀବିକା ମିଶନର ଜିଲା ପ୍ରକଳ୍ପ ସଂଯୋଜକ ନବୀନ ସେନାପତି, ମିଶନ ଶକ୍ତିର ଜିଲ୍ଲା ପ୍ରକଳ୍ପ ସଂଯୋଜକ ଶ୍ୱାସତ କୁମାର ସାହୁ, ଛତ୍ରପୁର ବ୍ଲକ ଲେଭେଲ ଫେଡ଼ରେସନର ସଭାପତି, ସମ୍ପାଦିକା ଓ ଏସଏଚଜି ସଦସ୍ୟାମାନେ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ

ପାରଳାଖେମୁଣ୍ଡି, (ଗିରିଧାରୀ ପରିଚ୍ଛା)୨୫।୧: ରାଜ୍ୟସ୍ତରୀୟ ପାଣି ପଞ୍ଚାୟତ ପକ୍ଷପାଳନ ଅବସରରେ ଗୁରୁବାର ୟୁନିୟନ ଗ୍ରାମୀଣ ଆମ୍ ନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନଠାରେ ପାରଳାଖେମୁଣ୍ଡି ବିଭିନ୍ନ ପାଣି ପଞ୍ଚାୟତର ଚାଷୀ ଓ କର୍ମକର୍ତ୍ତାମାନଙ୍କ ଉପସ୍ଥିତିରେ ଜିଲାସ୍ତରୀୟ ଉତ୍ସବ ପାଳିତ ହୋଇଯାଇଛି । ଜିଲାରେ କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ୧୪୪ଟି ଏବଂ ଉଠା ଜଳସେଚନ ବିଭାଗ ଅଧୀନରେ ଥିବା ୪୧୪ଟି ପାଣିପଞ୍ଚାୟତର କାର୍ଯ୍ୟକାରୀ ହେଉଛି। ଏହି ଉତ୍ସବରେ ବ୍ରହ୍ମପୁର ଏମପି ଚନ୍ଦ୍ରଶେଖର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅବବାହିକା ପରିଚାଳକ ଋଷିକୁଲ୍ୟା ବାହୁଦା ବଂଶଧାରା ନାଗାବଳୀ ଅବବାହିକା ସଞ୍ଜୀବ କୁମାର ଦାସଶର୍ମା, ଜିଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି



ରାଓ, ଜିଲା ମୁଖ୍ୟ କୃଷି ଅଧିକାରୀ ବଳରାମ ସୁବୁଦ୍ଧି, ପ୍ରକଳ୍ପ ନିର୍ଦ୍ଦେଶକ ଜଳଛାୟା ଏବଂ ମୃତ୍ତିକା ସଂରକ୍ଷଣ ସୁରେଶ କୁମାର ପଟ୍ଟନାୟକ, ଉପ ଉଦ୍ୟାନ ନିର୍ଦ୍ଦେଶକ ସୁଶାନ୍ତ ରଞ୍ଜନ ଦାଶ ପ୍ରମୁଖ ଯୋଗଦେଇଥିଲେ। ଓଡିଆ ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ ସାଧାରଣ ଜ୍ଞାନ, ଓଡିଆ ବକ୍ତୃତା ଏବଂ ମଡେଲ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ନୋଡାଲ ଅଧିକାରୀ ତଥା ଅତିରିକ୍ତ ମୁଖ୍ୟଯନ୍ତ୍ରୀ ନଗେନ୍ଦ୍ରନାଥ ମହାରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ଏଥିରେ ସଂଚାଳକ ଭାବେ ସହକାରୀ ନିର୍ବାହୀ ଯନ୍ତ୍ରୀ ମୋହିତ ଆଚାର୍ଯ୍ୟ ଓ ସମସ୍ତ ଅଧିକାରୀ, କର୍ମଚାରୀମାନଙ୍କର ସମ୍ମିଳିତ ଉଦ୍ୟମରେ ସୂଚାରୁରୂପେ ସମ୍ପାଦିତ ହୋଇଥିଲା ।

## ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

ପୁରୁଷୋତ୍ତମପୁର, ୨୫।୧ (ସୀମାଞ୍ଚଳ ମିଶ୍ର) ପୁରୁଷୋତ୍ତମପୁର ତାରାତାରିଣୀ ମହାବିଦ୍ୟାଳୟରେ ନୂଆ–ଓ ଓଡ଼ିଶା ଭାଷା ସାହିତ୍ୟ ତଥା ଓ ଜଗନ୍ନାଥ ସଂସ୍କୃତି ପ୍ରଚାର ଉଦ୍ଦେଶ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ ଅଧ୍ୟକ୍ଷ ସୀମାଞ୍ଚଳ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ଓ ମୁଖ୍ୟବକ୍ତା ଭାବେ ବ୍ରହ୍ମପୁର ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ଓଡ଼ିଆ ଅଧ୍ୟାପିକା ଡ. ବିଦ୍ୟୁତ ପ୍ରଭା ସାହୁ ଓ ସମ୍ମାନିତ ଅତିଥି କଲେଜ ପରିଚାଳନା ପରିଷଦର ସଭାପତି ତଥା ପୂର୍ବତନ ନଗରପାଳ ବାସୁଦେବ ମହାପାତ୍ର, କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଅରବିନ୍ଦ ପଣ୍ଡା ଯୋଗଦେଇଥିଲେ। ଓଡିଆ ବିଭାଗୀୟ ଅଧ୍ୟାପକ ଡ.ରମେଶ ଚନ୍ଦ୍ର ସେନାପତି ବିବରଣୀ ପାଠ କରିଥିବା ବେଳେ ସୁରେନ୍ଦ୍ରନାଥ ପଣ୍ଡା ପରିଚୟ ପ୍ରଦାନ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

କୋଦଳା,(ଅମିତ କୁମାର ପଟ୍ଟନାୟକ)– କୋଦଳା ଲକ୍ଷ୍ମୀ ନାରାୟଣ ସ୍ନାତକ ମହାବିଦ୍ୟାଳୟରେ ଅଧ୍ୟକ୍ଷ ରଘୁନାଥ ମୁଦୁଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପରିଚାଳନା ପରିଷଦ ଅଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ଦୋରା, ଅନ୍ତର୍ନିହିତ ଗୁଣାବଳୀ ସଂଯୋଜକ ଡ. ବିଷ୍ଣୁ ନାରାୟଣ ସେଠୀ, କାର୍ଯ୍ୟକ୍ରମ ଅଧିକାରୀ ରଞ୍ଜୁବାଳା ନନ୍ଦ ପ୍ରମୁଖ ଉପସ୍ଥିତଥିଲେ।

# ଏଲ୍‌ଆଇସି ଅଭିକର୍ତ୍ତା ସଂଘର ବୈଠକ




ବୈଠକରେ ଉପସ୍ଥିତ ସଂଘର ସଦସ୍ୟ ବୃନ୍ଦ।

ବ୍ରହ୍ମପୁର, ୨୫।୧(ସ୍ମୃତି ରଞ୍ଜନ ମହାଲିକ) ଭାରତୀୟ ଜୀବନ ବୀମା ନିଗମ ଅଭିକର୍ତ୍ତା ସଂଘ ପକ୍ଷରୁ ବୁଧବାର ବ୍ରହ୍ମପୁର ନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ବୃତ୍ତିକ ସୁରକ୍ଷା ଦିବସ ପାଳିତ ହୋଇଯାଇଛି। ଏଥିରେ ଅଭିକର୍ତ୍ତାମାନଙ୍କର ସୁରକ୍ଷା ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ସତ୍ୟବାଦୀ ସାହୁ, ଦେବୀ ପ୍ରସାଦ ପାଢୀ, ଅଶ୍ୱିନୀ କୁମାର ପଟ୍ଟନାୟକ, ଦିପ୍ତୀ ପ୍ରସାଦ ପାଢୀ, କ୍ଷୀରୋଦ ସ୍ୱାଇଁ ଓ ପୂର୍ଣ୍ଣ ଚନ୍ଦ୍ର ପାତ୍ରଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ବିଜେଡିର ବନ୍ଧୁମିଳନ



ବନ୍ଧୁମିଳନ କାର୍ଯ୍ୟକ୍ରମରେ ବିଧାୟକଙ୍କ ସହ ଅନ୍ୟ ନେତା ଓ କର୍ମୀମାନେ

ବୁଗୁଡ଼ା, ୨୫।୧ (କାଳିଚରଣ ଦାଶ): ବୁଗୁଡ଼ା ବ୍ଲକର ଅନ୍ତରପଡା ଗାମସ୍ଥିତ ମା' ଶାଙ୍ଖୁଲାଇ ମନ୍ଦିର ପ୍ରାଙ୍ଗଣରେ ବିଜୁ ଜନତା ଦଳ ପକ୍ଷରୁ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁଙ୍କ ସମେତ ବ୍ଲକ ଅଧ୍ୟକ୍ଷା କେ.ପ୍ରିୟଦର୍ଶିନୀ ଆଚାରୀ ଓ ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ, ଏନଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ ଓ ଉପାଧ୍ୟକ୍ଷା ଗିତାଞ୍ଜଳୀ ପାଢୀ, ବ୍ଲକ ବିଜେଡି ସଭାପତି ମଦନ ଗୋପାଳ ଦୋରା ଓ ଏନଏସି ସଭାପତି କେ.ତ୍ରିଲୋଚନ ଦୋରା, ବ୍ଲକ ସଭାନେତ୍ରୀ ଜ୍ୟୋସ୍ନାମୟୀ ଗୌଡ, ଏନ୍‌ଏସି ସଭାନେତ୍ରୀ ମନ୍ଦାକିନୀ ସାହୁ, ଜିଲା ପରିଷଦ ସଦସ୍ୟ ଗଙ୍ଗାପାଣି ଜେନା, ସଦସ୍ୟା ଚାନ୍ଦିନୀ ନାୟକ, ଅନ୍ତରପଡା ପଞ୍ଚାୟତ ସରପଞ୍ଚ ବସନ୍ତ କୁମାର ଶତପଥି , ଖୋଳଖାଳି ପଞ୍ଚାୟତ ନାଏବ ସରପଞ୍ଚ ପ୍ରମୋଦ କୁମାର ପଣ୍ଡାଙ୍କ ସମେତ ବହୁ କର୍ମକର୍ତ୍ତା ଓ ଜନପ୍ରତିନିଧି ଉପସ୍ଥିତ ଥିଲେ ।

# ନବ ମତଦାତା ସମ୍ମିଳନୀ



କବିସୂର୍ଯ୍ୟନଗର, ୨୫।୧(କୃପାସିନ୍ଧୁ ସ୍ୱାଇଁ): ଏନଅସି କଲ୍ୟାଣ ମଣ୍ଡପଠାରେ ନବ ମତଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କୃଷକ ମୋର୍ଚ୍ଚା ବିଜେପି ସଂଯୋଜକ ଶ୍ୱେତ ଦୋରାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀର ପ୍ରଭାରୀ ଜୟନ୍ତୀ ପଡିଆରୀ, ଓଡିଶା ସ୍ୱଚ୍ଛ ଭାରତ ସଂଯୋଜକ ମହେଶ ମହାନ୍ତି, ବିଜେପି ମହିଳା ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମାହେଶ୍ୱରୀ ଦୋରା, ଯୁବ ମୋର୍ଚ୍ଚା ସଭାପତି ତପନ କୁମାର ନାହାକ, ନିର୍ବାଚନ ମଣ୍ଡଳୀ ସଂଯୋଜକ ମୁରଲୀଧର ପାଣିଗ୍ରାହୀ, ମଣ୍ଡଳ ସଭାପତି ଶ୍ରୀକାନ୍ତ ମହାପାତ୍ର, ବୁମ୍ଵା ଯୁବ ମୋର୍ଚ୍ଚା ସଭାପତି ଅତିଥି ନାହାକ, ଜିଲ୍ଲା ବିଜେପି କୋଷାଦକ୍ଷ ପୀତବାସ ପଣ୍ଡା, ମଣ୍ଡଳ ଉପସଭାପତି ବାଲ୍ମୀକି ଦାସ, ଶ୍ରୀନିବାସ ଦୋରା ସମେତ ବହୁ କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ଯୁବ ଭୋଟରଙ୍କୁ ଦଳରେ ସାମିଲ କରିବା ସହ ସେମାନଙ୍କ ବିକାଶ ଉଦେଶ୍ୟ ଥିବା କହିଛନ୍ତି କୃଷକ ମୋର୍ଚ୍ଚା ରାଜ୍ୟ ସଂଯୋଜକ ଶ୍ୱେତ ଦୋରା। ଏହି ସମ୍ମିଳନୀରେ ୯ ବର୍ଷରେ ମୋଦି ସରକାରଙ୍କ ଯୁବ କଲ୍ୟାଣ ଯୋଜନା ବିଷୟରେ ଯୁବ ବର୍ଗଙ୍କୁ ଅବଗତ କରାଯାଇଥିଲା।

# ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା

ଛତ୍ରପୁର, ୨୫।୧ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ) : ଗ୍ରାମାଞ୍ଚଳର ଭିତ୍ତିଭୂମିର ବିକାଶ ନିମନ୍ତେ ରାଜ୍ୟ ସରକାରଙ୍କ ପ୍ରୟାସ ଜାରି ରହିଛି । ଏ ନେଇ ଆମ ଓଡିଶା ନବୀନ ଓଡିଶା ମାଧ୍ୟମରେ ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଜାରିରହିଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଛତ୍ରପୁର ବ୍ଲକ ଅନ୍ତର୍ଗତ ମହାନାଦପୁର ପଞ୍ଚାୟତର ସରପଞ୍ଚ ରବୀନ୍ଦ୍ର ରାଉଳଙ୍କ ସଭାପତିତ୍ୱରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ସୁବାସ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିବା ସହିତ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନାଗୁଡିକ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନତା କରାଇଥିଲେ। ଏହି ଅବସରରେ ମହାନାଦପୁର ପଞ୍ଚାୟତରେ ହୋଇଥିବା ବିଭିନ୍ନ ବିକାଶର ଏକ ପୁସ୍ତିକାକୁ ମଧ୍ୟ ବିଧାୟକ ଉନ୍ମୋଚନ କରିଥିଲେ । ଜିଲା




ସଚେତନତା କାର୍ଯ୍ୟକ୍ରମରେ ପଞ୍ଚାୟତର ବିକାଶ ସମ୍ପର୍କିତ ପୁସ୍ତିକାକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ପରିଷଦ ସଭ୍ୟା ଛବିତା ବେହେରା ଓ ରଶ୍ମିତା ନାହାକ, ପୂର୍ବତନ ଜିଲା ପରିଷଦ ସଭ୍ୟ ମୁନା ଦାସ, ଯୁବ ନେତା କିଶୋର ବେହେରା, ଚରଣ ବେହେରା, ଛତ୍ରପୁର ବ୍ଲକ ବିଜେଡି ସଭାପତି ପ୍ରବାସୀ ପ୍ରଧାନ, ଯୁବ ବିଜେଡି ବ୍ଲକ ସଭାପତି କାଳିଆ ନାହାକ, ଯୁବନେତା ସୁରେଶ ଦାଶ, ପୂର୍ବତନ ସରପଞ୍ଚ ଦୁର୍ଯ୍ୟୋଧନ ପରିଡା, ପୂର୍ବତନ ସମିତିସଭ୍ୟ ଏନ. ଦୁର୍ଯ୍ୟୋଧନ ରେଡ୍ଡୀ ଓ ମଥୁରା ସୁବୁଦ୍ଧି, ମାଗୁଣି ବିଷୋୟୀ, ଅଭିରାମ ପ୍ରଧାନ, ସନ୍ତୋଷ ବେହେରା, ବାପି ଦାସ, ଟିଙ୍କିନା ଗୌଡ଼, ଛତ୍ରପୁର ଏନଏସିର ୧୦ ନମ୍ବର ୱାର୍ଡ କାଉନସିଲର ଦେବାଶିଷ ମିଶ୍ର, ଟାଙ୍ଗଣାପଲ୍ଲୀ ସରପଞ୍ଚ ବି. ସୁଦାମ, ଶ୍ରୀରାମଚନ୍ଦ୍ରପୁର ସମିତିସଭ୍ୟ ଏସ. ଚକ୍ରପାଣି ରେଡ୍ଡୀ, ପୋଟଲାମପୁର ସମିତି ସଭ୍ୟ ଶମ୍ଭୁନାଥ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

